## ମାଣ୍ଡିଆ ମାଲ୍ଟ ଗୁଣ୍ଡ ପ୍ରସ୍ତୁତିର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ



ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହୋଇଥିବାରୁ ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏଥିରେ ଥିବା ପୋଷକ ମୂଲ୍ୟକୁ ଆହୁରି ବୃଦ୍ଧି କରିବାପାଇଁ ବିଗତ ବର୍ଷ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମାଣ୍ଡିଆ ମାଲ୍ଟ ଗୁଣ୍ଡ ପ୍ରସ୍ତୁତିର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ନଳିଚୁଆଁ, ନୂଆପଡ଼ା ଗ୍ରାମରେ କରାଯାଇଥିଲା । ଏଥିପାଇଁ ମାଣ୍ଡିଆକୁ ଭିଜାଇ, ଗଜାକରି,ଶୁଖାଇ ଓ ଭଲରେ ଭାଜି ଗୁଣ୍ଡକରି ସଂରକ୍ଷିତ କରି ରଖାଯାଇଥିଲା । ମାଣ୍ଡିଆ ଗୁଣ୍ଡ ୯୦ ଦିନ ପର୍ଯ୍ୟନ୍ତ ସଂରକ୍ଷିତହୋଇ ରହୁଥିବା ବେଳେ ମାଣ୍ଡିଆ ମାଲ୍ଟ ଗୁଣ୍ଡ ୭୫ ଦିନ ପର୍ଯ୍ୟନ୍ତ ସଂରକ୍ଷିତହୋଇ ରହିଥିଲା । ମାତ୍ର ଏହାର ଇନ୍ଦ୍ରିୟ ମୂଲ୍ୟାଙ୍କନ ସମୟରେ ମାଲ୍ଟର ସ୍ୱାଦ ଓ ଗନ୍ଧ ମାଣ୍ଡିଆ ଗୁଣ୍ଡ ଅପେକ୍ଷା ୧.୨ ପଏଁଟ ଅଧିକ ହାସଲ କରିଥିଲା । ଏହାସହିତ ଏହାର ଅଧିକ ପୋଷକ ମୂଲ୍ୟହେତୁ ଏହାକୁ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରି କ୍ୱିଣ୍ଟାଲ ପିଛା ୧୮୯୭ ଟଙ୍କା ଅଧିକ ଲାଭ ପାଇପାରିଥିଲେ ।

## ଗୁଣ୍ଡୁରୀ ପକ୍ଷୀ ପାଳନ ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ




କୁକୁଡ଼ା ମାନଙ୍କୁ ଅଧିକ ରୋଗ ହେଉଥିବାରୁ ଓ ଦାନାରେ ଅଧିକ ଖର୍ଚ୍ଚ ହେଇଥିବାରୁ ଏହାର ବିକଳ୍ପ ରୁପେ କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ ତରଫରୁ ଅଇଁଲାକଣ୍ଟା, ପାତ୍ରପାଲି, ତଲା ଗ୍ରାମରେ ଏକ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିପାଇଁ ମହିଳା ମାନଙ୍କୁ ପ୍ରଥମେ ଗୁଣ୍ଡୁରୀ ପକ୍ଷୀର ଚିଁଆ ଯୋଗାଇବା ସହିତ ଲାଳନ ପାଳନ, ଖାଦ୍ୟ ପାନୀୟ ସମ୍ବନ୍ଧୀୟ ଆବଶ୍ୟକିୟ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ଗୁଣ୍ଡୁରୀ ପକ୍ଷୀର ଓଜନ ବର୍ଷକୁ ପ୍ରାୟ ୨୧୦ ଗ୍ରାମ ହୋଇପାରିଥିଲା । ବର୍ଷକୁ କୁକୁଡ଼ା ପ୍ରାୟ ୯୨ ଟି ଅଣ୍ଡା ଦେଉଥିବା ସମୟରେ ଗୁଣ୍ଡୁରୀ ପକ୍ଷୀ ବର୍ଷକୁ ୨୨୮ ଟି ଅଣ୍ଡା ଦେଇଥିଲା । ଏହା ଦ୍ୱାରା ଚାଷୀମାନେ ବର୍ଷକୁ ୨୦ ଟି ଗୁଣ୍ଡୁରୀ ପକ୍ଷୀରୁ ମୋଟ ଟ. ୮୨୬୪ଙ୍କା ଲାଭ ପାଇଥିଲେ ।

## ଆର୍କା ମଙ୍ଗଳା ଉନ୍ନତ କିସମ ଝୁଡୁଙ୍ଗର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ




ବିଗତ ବର୍ଷ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ଆର୍କ ମଙ୍ଗଳା ଉନ୍ନତ କିସମ ଝୁଡୁଙ୍ଗର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିପାଇଁ ଗୋପାଳପୁର, ରେମେଣ୍ଡା ଓ ପାତ୍ରପାଲି ଗ୍ରାମର ୧୦ ଜଣ ମହିଳା ଚାଷୀଙ୍କୁ ଆର୍କ ମଙ୍ଗଳା ଉନ୍ନତ କିସମ ଝୁଡୁଙ୍ଗ ବିହନ ଯୋଗାଇ ଦିଆଯାଇଥିଲା । ଏଥିସହ ସେମାନଙ୍କୁ ବିହନ ବିଶୋଧନ, ସମନ୍ୱିତ ସାର ପ୍ରୟୋଗ, ଆବଶ୍ୟକ ଅନୁଯାୟୀ ଜଳସେଚନ ଓ କୀଟନାଶକ ପ୍ରୟୋଗ, ସମୟାନୁଯାୟୀ ଘାସ ନିୟନ୍ତ୍ରଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହା ଏକ ଲଟାଜାତୀୟ କିସମ ହୋଇଥିବାରୁ ରଞ୍ଜା ଲଗାଇବା ଉପରେ ପରାମର୍ଶ ଦିଆଯାଇଥିଲା । ଏହାଦ୍ୱାରା ସେମାନେ ଦେଶୀ କିସମ ଅପେକ୍ଷା ୧୮.୮% ଅଧିକ ଅମଳ ପାଇଥିଲେ । ଏହି କିସମ ଦେଶୀ କିସମ ଅପେକ୍ଷା ଅଧିକ ଓଜନ, ଲମ୍ବା, ନରମ ଓ ସୁସ୍ୱାଦୁ ହୋଇଥିବାରୁ ବଜାରରେ ଗ୍ରାହକମାନେ ଅଧିକ ପସନ୍ଦ କରିଥିଲେ । ଏହାକୁ ବିକ୍ରିକରି ଚାଷୀ ମାନେ ହେକ୍ଟର ପିଛା ଦେଶୀ କିସମ ଅପେକ୍ଷ ୩୫୩୯୦ ଟଙ୍କା ଅଧିକ ଲାଭ ପାଇଥିଲେ । କ୍ଷେତ୍ର ଦିବସରେ ଆଖପାଖ ଗ୍ରାମର ଚାଷୀ ମାନେ ଏହାର ଅମଳ ଓ ଲାଭ ଦେଖି ଆଗାମୀ ଋତୁରେ ଏହି କିସମ ଚାଷ କରିବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## ବନୋମହୋତ୍ସବ ସପ୍ତାହ ପାଳନ



କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା ଜୁଲାଇ ୧-୭ ତାରିଖ ମଧରେ ବନୋମହୋତ୍ସବ ସପ୍ତାହ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏହାର ପ୍ରଚାର ଓ ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ ତରଫରୁ ଆମ୍ବ, ଶାଗୁଆନ ଓ ଲେମ୍ବୁ ଆଦି ଗଛର ଚାରା ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା । ଏଥିରେ ପ୍ରାୟ ୨୦୦ ରୁ ଅଧିକ ଚାଷୀ ଓ ସ୍କୁଲ ଛାତ୍ର ମାନଙ୍କ ମଧ୍ୟରେ ଜାଗୃତାଭାବ ସୃଷ୍ଟି କରାଯାଇଥିଲା । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ କାର୍ଯ୍ୟାଳୟ ପରିସରରେ ୩୦ଟି ନୂତନ ଆମ୍ବ ଓ ଲେମ୍ବୁ ଗଛ ଲଗାଯାଇଥିଲା ।

## ବିକଶିତ କୃଷି ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ



ଚଳିତ ବର୍ଷ ତା୨୯.୦୫.୨୦୨୫ ରିଖ ଠାରୁ ତା ୧୨.୦୬.୨୦୨୫ ରିଖ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏହି ଅଭିଯାନରେ କୃଷି ଓ ଆନୁସଙ୍ଗିକ ବିଭାଗ, ବରଗଡ଼ର ଅଧିକାରୀଙ୍କ ସହିତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଗଣ ଉପସ୍ଥିତ ରହି ଖରିଫ ଋତୁର କୃଷି କାର୍ଯ୍ୟାବଳୀରେ ଉନ୍ନତ ଜ୍ଞାନ କୌଶଳ ଅବଲମ୍ବନ କରି ଲାଭବାନ ହେବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଶ୍ରୀ ନୃସିଂହ ଚରଣ ବାରିକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
ସମ୍ପାଦିକା: ଶ୍ରୀମତୀ ସୁସ୍ମିତା ସାହୁ, ବୈଜ୍ଞାନିକା (ଗୃହ ବିଜ୍ଞାନ)
ସମ୍ପାଦନା ମଣ୍ଡଳୀ :
ଶ୍ରୀମତୀ ସଙ୍ଘମିତ୍ରା ବିଶ୍ୱାଳ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯାନ୍ତ୍ରିକ)
ଡଃ ରାହୁଲ ଦେବ ବେହେରା, ବିଷୟ ବସ୍ତୁ ବିଶେଷଜ୍ଞ (ମୃତ୍ତିକା ବିଜ୍ଞାନ)
ଶ୍ରୀ ଦୀପଙ୍କର ଜେନା, କାର୍ଯ୍ୟ ନିର୍ବାହୀ (ବିହନ ବିଜ୍ଞାନ)
ଶ୍ରୀମତୀ ପ୍ରାର୍ଥନା ମହାନ୍ତି, କ୍ଷେତ୍ର ପରିଚାଳିକା

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଗମ୍ଭାରୀପାଲି,
ପୋ : ଲରମ୍ଭା, ଜିଲ୍ଲା : ବରଗଡ, ଓଡ଼ିଶା, ପିନ୍-୭୬୮୧୦୨
E-Mail : kvkbaragarh.ouat@gmail.com,
kvk.bargarh@ouat.ac.in
Web site : www.kvkbaragarh.org



Typed & Designed : Sanat Kumar Meher, PA (C), KVK Bargarh.
Printed at : Vinayak Alpha, Bargarh

Krishi Vigyan Kendra
Bargarh
Odisha University of Agriculture & Technology
Bhubaneswar

# ଧନୁଶ୍ରୀ
# Dhanushree

କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଅଷ୍ଟଦଶ ବର୍ଷ | ଅକ୍ଟୋବର ୨୦୨୪- ଡିସେମ୍ବର୨୦୨୫ | ପ୍ରଥମ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଙ୍କ ବାର୍ତ୍ତା

ବର୍ତ୍ତମାନ କୃଷି କ୍ଷେତ୍ରର ଉତ୍ପାଦନ ବଢାଇବା ସହ ଉତ୍ପାଦିତ ସାମଗ୍ରୀର ବିକ୍ରି ଓ ମୂଲ୍ୟଯୁକ୍ତ ପ୍ରସ୍ତୁତିର ଆବଶ୍ୟକତା ରହିଅଛି । ଏହି ପରିପ୍ରେକ୍ଷୀରେ ଆମ୍ଭେ ସମସ୍ତେ ବଜାରର ଚାହିଦାକୁ ଆଖିରେ ରଖି କୃଷି ଓ ଆନୁସଂଗିକ ଚାଷକୁ ବଢାଇବା । ବିଶେଷ କରି ଯାହାର ଅମଳକୁ ସାଇତି ରଖିବାର ସହ ବାହାର ବଜାରକୁ ପଠାଇହେବ, ସେହିପରି ଚାଷର ପରିଚାଳନା କରିବା । ଆମ୍ଭ ଜିଲ୍ଲାର ଚାଷୀମାନେ ବର୍ଷର ବାର ମାସରେ ବିଭିନ୍ନ ଅର୍ଥକାରୀ ଫସଲ ଉତ୍ପାଦନ କରି କୃଷକ ଉତ୍ପାଦକ ସଂଘ ଓ ନିୟନ୍ତ୍ରିତ ବଜାରର ସହାୟତାରେ ବିକ୍ରି କରିବା ସହ ମୂଲ୍ୟଯୁକ୍ତ ଓ ଉଦ୍ୟୋଗ ଭିତ୍ତିକ କୃଷି କୁ ଆପଣାଇବା ପାଇଁ ଆଶା କରୁଅଛି ।

ନୃସିଂହ ଚରଣ ବାରିକ



## ଓ.ୟୁ.ଏ.ଟି କୁଳପତିଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଚଳିତ ବର୍ଷ ତା ୦୫.୧୦.୨୦୨୫ ରିଖ ଦିନ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ପରିଦର୍ଶନ କରିଥିଲେ । ଏହି ଗ୍ରସ୍ତରେ କୃଷି ଓ ସଂପ୍ରସାରଣ ବିଭାଗର ଅଧକ୍ଷ ପ୍ରଫେସର ପ୍ରସନ୍‌ଜିତ ମିଶ୍ର, କୃଷି ଗବେଷଣା ବିଭାଗର ଅଧକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା, ସହକାରୀ ଅଧକ୍ଷ (ବିହନ) ପ୍ରଫେସର ତୁଷାର କୁମାର ମହାନ୍ତି ଉପସ୍ଥିତ ରହି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାବଳୀର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଏହି ଅବସରରେ କେନ୍ଦ୍ରରେ ଥିବା ସମସ୍ତ କୃଷି କାର୍ଯ୍ୟ ସମ୍ବନ୍ଧିତ ପ୍ରଦର୍ଶନୀ କେନ୍ଦ୍ର ଗୁଡ଼ିକୁ ବୁଲି ଦେଖିଥିଲେ । ଏହା ସହିତ ଚାଷୀ ମାନଙ୍କୁ ଏହି ପ୍ରଦର୍ଶନୀ କେନ୍ଦ୍ର ଗୁଡ଼ିକୁ ଅଧିକ ଆକର୍ଷିତ କରିବା ପାଇଁ ଅତ୍ୟାଧୁନିକ ପଦକ୍ଷେପ ନେବାପାଇଁ ଉପଦେଶ ପ୍ରଦାନ କରିଥିଲେ ।

## ମାନ୍ୟବର ସାଂସଦ, ବରଗଡ଼ଙ୍କ ଦ୍ୱାରା ପି.ଏମ. ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମର ଉଦ୍‌ଘାଟନ



ଚଳିତ ଅକ୍ଟୋବର ମାସ ୧୧ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଭଟଲି ବ୍ଲକର ଗୋପାଳପୁର ଗ୍ରାମରେ ପି.ଏମ. ଧନଧାନ୍ୟ କୃଷି ଯୋଜନା ର ସିଧା ସଳଖ ପ୍ରସାରଣ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ମାନ୍ୟବର ସଂାସଦ ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ ଉପସ୍ଥିତ ରହି ଚାଷୀ ମାନଙ୍କୁ ଏହି ଯୋଜନା ବାବଦରେ ବିସ୍ତୃତ ଭାବେ ବୁଝାଇବା ସହିତ ଅଣଧାନ ଜନିତ ଫସଲ ଯଥା ଡାଲି ଓ ତୈଳବୀଜ ଚାଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ମାଛ ଚାଷ, ପଶୁପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଆନୁଷଙ୍ଗିକ ଚାଷକୁ ଆପଣେଇ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୨ ଟି ବ୍ଲକର ପାଖାପାଖି ୩୦୦ ରୁ ଊର୍ଦ୍ଧ୍ୱ ଚାଷୀ ଅଂସଗ୍ରହଣ କରିଥିଲେ । ଏହାସହ ଚାଷୀ ମାନଙ୍କର ଚାଷ ପ୍ରତି ଆଗ୍ରହ ବୃଦ୍ଧି କରିବାପାଇଁ ୩ ଜଣ ଅଗ୍ରଣି ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭେଣ୍ଡି ଫସଲରେ ସୁତ୍ରଜୀବ ଜନିତ ଚେରଗଣ୍ଠି ରୋଗ ନିୟନ୍ତ୍ରଣ ନିମନ୍ତେ ଜୈବିକ କୀଟନାଶକର କ୍ଷେତ୍ର ପରୀକ୍ଷଣ



ବିଗତ ରବି ଋତୁରେ ଆମ କେନ୍ଦ୍ର ତରଫରୁ ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ଓ ଲେବଡ଼ି ଗ୍ରାମରେ ଭେଣ୍ଡି ଫସଲରେ ଚେରଗଣ୍ଠି ରୋଗ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ଜୈବିକ କୀଟନାଶକର ସଫଳ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ୧ କିଗ୍ରା ମଞ୍ଜି ସହ Paecilomyces lilacinus ୫ ଗ୍ରାମ ଜୈବିକ କବକନାଶକ ଗୋଳାଇ ବୁଣାଯାଇଥିଲା ଓ ଲଗାଇବା ସମୟରେ ଜିଆଖତ ହେକ୍ଟର ପ୍ରତି ୨୫ କ୍ୱିଟାଲ କୁ ୨୫ କି.ଗ୍ରା Paecilomyces lilacinus ସହ ମିଶାଇ କ୍ଷେତରେ ପ୍ରୟୋଗ କରାଯାଇଥିଲା । ଏହି ଉପଚାର ଦ୍ୱାରା ସୁତ୍ରଜୀବ ଜନିତ ଚେରଗଣ୍ଠି ରୋଗ ସର୍ବ ନିମ୍ନ ୩.୨୭% ଗଛରେ ଦେଖାଯାଇଥିଲା ଓ ହେକ୍ଟର ପ୍ରତି ୨୫ କ୍ୱି ଅମଳ ସହ ଟ. ୭୪୬୦୦ ଙ୍କା ଲାଭ ମିଳିଥିଲା ।